# ତହସିଲ କାର୍ଯ୍ୟାଳୟ ଲାଞ୍ଜିଗଡ @ବିଶ୍ବନାଥପୁର, କଳାହାଣ୍ଡି

ସଂଖ୍ୟା......718.......ତାରିଖ.......12.06.2020

## ଲଘୁ ଖଣିଜ ଉତ୍ସ ଦୀର୍ଘମିୟାଦୀ ଲିଜ୍ ନିମନ୍ତେ ବିଜ୍ଞାପନ

ଜଉମୁଦ ଟେଣ୍ଡର ଆହ୍ୱାନ

(ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି(ସଂଶୋଧନ ଆଇନ 2017 ଅନୁଯାୟୀ)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଲାଞ୍ଜିଗଡ ତହସିଲ, ଜିଲ୍ଲା- କଳାହାଣ୍ଡି ଅନ୍ତର୍ଗତ ନିମ୍ନ ସାରଣୀ ବର୍ଣ୍ଣିତ ଲଘୁ ଖଣିଜ ଉତ୍ସ ଗୁଡିକ 5 (ପାଞ୍ଚ) ବର୍ଷିଆ ଲିଜ ନିମନ୍ତେ ତହସିଲଦାର, ଲାଞ୍ଜିଗଡଙ୍କ ଦ୍ୱାରା ବନ୍ଦୋବସ୍ତ କରିବା ନିମନ୍ତେ ଜଉମୁଦ ଟେଣ୍ଡର ଦ୍ବାରା ଦରଖାସ୍ତ ଆହ୍ବାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ/ସଂସ୍ଥା ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ 2016 (OMMC Rule -2016) ମୁତାବକ M-Form ପୂରଣକରି ଏହାର ତିନିକିତା ନକଲ ନିମ୍ନ ବର୍ଣ୍ଣିତ କାଗଜାତ ସହ ସଂଲଗ୍ନ କରି ଜଉମୁଦ ବନ୍ଦ ଲଫାପା (sealed cover)ରେ ତହସିଲଦାର, ଲାଞ୍ଜିଗଡ, ବିଶ୍ବନାଥପୁରଙ୍କ ଠିକଣାରେ ତା. 16.06.2020 ଠାରୁ ତା. 30.06.2020 ରିଖ ଅପରାହ୍ନ ଘ. 5.00 ଘଟିକା ମଧ୍ୟରେ ଦାଖଲ କରିପାରିବେ । ପୃଥକ ଲଘୁ ଖଣିଜ ଉତ୍ସ ପାଇଁ ପୃଥକ ଫାରମ୍ ରେ ଟେଣ୍ଡର ଦରଖାସ୍ତ ଦାଖଲ କରିବାକୁ ହେବ । ଫାରମ ଗୁଡିକ ସମସ୍ତ କାଗଜାତ ସଂଲଗ୍ନ ପୂର୍ବକ ତହସିଲଦାର, ଲାଞ୍ଜିଗଡଙ୍କ ପ୍ରକୋଷ୍ଠରେ ଥିବା ନିଲାମ ଦରଖାସ୍ତ ବାକ୍ସରେ ଉପର ନିର୍ଧାରିତ ତାରିଖ ଏବଂ ସମୟ ମଧ୍ୟରେ କାର୍ଯ୍ୟାଳୟ ନିର୍ଘଣ୍ଟ ସମୟରେ ପକାଇପାରିବେ କିମ୍ବା ରେଜିଷ୍ଟର୍ଡ / ସ୍ପିଡପୋଷ୍ଟ ଜରିଆରେ ମଧ ଟେଣ୍ଡର ଦରଖାସ୍ତ ଦାଖଲ କରିପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତ କୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଡାକ ଜନିତ ବିଳମ୍ବ ଯୋଗୁଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଟେଣ୍ଡର ପେପର ଭର୍ତି ହୋଇଥିବା ଲଫାପା ଉପରେ ଆବେଦନ କରୁଥିବା ଉତ୍ସର ନାମ ଉଲ୍ଲେଖ ରହିବା ବାଧ୍ୟତା ମୂଳକ ଅଟେ । ତା. 01.07.2020 ରିଖ ପୂର୍ବାହ୍ନ 11.00 ଘଟିକା ସମୟରେ ତହସିଲଦାର,ଲାଞ୍ଜିଗଡଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଟେଣ୍ଡର କମିଟି ତଥା ଆବେଦନକାରୀ କିମ୍ବା ତାଙ୍କର ପ୍ରାଧୀକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ଜଉମୁଦ ଲଫାପାଗୁଡିକ ଖୋଲା ଯାଇ ଟେଣ୍ଡର ଦରଖାସ୍ତ ଗୁଡିକର ଯାଞ୍ଚ କରାଯିବ । ଅସମ୍ପୂର୍ଣ୍ଣ ଫାରମ୍ କିମ୍ବା ଫାରମ୍ ସହିତ ଆବଶ୍ୟକିୟ କାଗଜାତ/ଦଲିଲ ସଂଲଗ୍ନ ନଥିଲେ ତାହା ଗ୍ରହଣୀୟ/ବିଚାର ଯୋଗ୍ୟ ହେବ ନାହିଁ । ଏହି ବିଜ୍ଞାପନ ସମ୍ପନ୍ଧୀୟ ସମସ୍ତ ତଥ୍ୟ ତଥା ଦରଖାସ୍ତ ଫର୍ମ (Form-M) କଳାହାଣ୍ଡି ଜିଲ୍ଲା ୱେବସାଇଟ୍ https://kalahandi.nic.in ରେ ଉପଲବ୍ଧ ଅଟେ ।

## ଦରଖାସ୍ତ ସହ ନିମ୍ନବର୍ଣ୍ଣିତ କାଗଜାତ/ଦଲିଲ ଦେବା ବିଧେୟ:-

1. ଦରଖାସ୍ତ ଫିଜ ସକାଶେ ଟ୍ରେଜେରୀ ଚାଲାଣ ଜରିଆରେ ଟ 1000/- ଙ୍କା (ଏକ ହଜାର ଟଙ୍କା) ପଇଠ କରି ଚାଲାନ କପି ସଲଗ୍ନ କରିବେ ( ଫେରସ୍ତ ଦିଆଯିବ ନାହିଁ) I **Head of Account No.0853-Non ferrous mining Metallurgical industries -102- mineral concession fees rents & royalties.**
2. ସାରଣୀ ରେ ଦର୍ଶିତ ସ୍ତମ୍ଭ-12 ରେ ବର୍ଣ୍ଣିତ ଅର୍ଜିତ ରାଶି (EMD)ବ୍ୟାଙ୍କ ଡ୍ରାଫ୍ଟ ଯାହାକି **Tahasildar, Lanjigarh & Payable at SBI, Main Branch, Bhawanipatna** ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ସହ ସଂଲଗ୍ନ କରିବେ । ଯଦି ସଫଳ ନିଲାମ ଡକାଳି ହିସାବରେ ଲିଜ ପ୍ରସ୍ତାବ ଅଗ୍ରାହ୍ୟ କରନ୍ତି ତେବେ ଉକ୍ତ ଅର୍ଜିତ ରାଶି ଫେରସ୍ତ ନହୋଇ ବାଜ୍ୟାପ୍ତିକରଣ କରି 2ୟ ସ୍ଥାନରେ ଥିବା ବ୍ୟକ୍ତି ଙ୍କୁ ଲିଜ ପ୍ରକ୍ରିୟା ପାଇଁ ଆମନ୍ତ୍ରଣ କରାଯିବ ଏବଂ ଅସଫଳ ନିଲାମ ଡକାଳିଙ୍କ ଅର୍ଜିତ ରାଶି ଫେରସ୍ତ କରାଯିବ ।
3. ଆବେଦନ କରିଥିବା ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ସଲଗ୍ନ କରିବା ଆବଶ୍ୟକ ଅଟେ ।
4. ଦରଖାସ୍ତକାରୀଙ୍କ ନାମରେ କୌଣସି ମାଇନିଂ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠ ଦାଖଲ କରିବା ଆବଶ୍ୟକ ।

Attomayz
12/06/2020

TAHASILDAR
LANJIGARH

5. ଆବେଦନକାରୀ ସାରଣୀରେ ଦର୍ଶିତ ସ୍ତମ୍ଭ-11 ରେ ବର୍ଣ୍ଣିତ ରାଶିର **Solvency Certificate** କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି ( 18 **Month validity)** ଓ ଅନ୍ୟାନ୍ୟ ସ୍ଥାବର ଅସ୍ଥାବର ସମ୍ପତ୍ତିର ବିବରଣୀ (ରାଜସ୍ୱ ବିଭାଗ ଦ୍ୱାରା ପ୍ରାପ୍ତ ହୋଇଥିବା) ସଂଲଗ୍ନ କରିବା ଆବଶ୍ୟକ ।
6. ଅନ୍ୟ ବିବରଣୀ ଗୁଡିକ ଯଥା :- ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ।
7. **GST** କ୍ଲିଏରେନ୍ସ ସାର୍ଟିଫିକେଟର ନକଲ ।
୫. ବିଗତ ଦୁଇ ବର୍ଷର ଆୟକର ରିଟର୍ଣ୍ଣର ନକଲ ।

ଏତଦ୍ ବ୍ୟତିତ ଦରଖାସ୍ତକାରୀମାନେ ନିମ୍ନୋକ୍ତ ସର୍ତାବଳୀ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଉଅଛି ।

## ସର୍ତ୍ତାବଳୀ

1. ଆବେଦନ କାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 **(OMMC Rules-2016)** ର ପରିସର ଭୁକ୍ତ ରହିବେ।
2. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।
3. ଲିଜରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।
4. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।
5. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବାଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲଟି ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥହେବ,ଉକ୍ତ ରାଶି **Environment Clearance** (ଏନର୍ଭନମେଣ୍ଟ କ୍ଲିଏରେନ୍ସ) ଆଣି ସାରିଲାପରେ ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜ ଧାରୀ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ ଚୁକ୍ତିପତ୍ର ( **Execution of lease deed)** ସମ୍ପାଦନ କରିବେ ।
6. ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେଲାପରେ ସ୍ଥିର କରିଯିବ ।
7. ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରିଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସଂପୂର୍ଣ୍ଣ ହେବାର 7 (ସାତ)ଦିନ ମଧରେ ଡିମାଣ୍ଡ ଡ୍ରାଫ୍ଟ/ନଗଦ ଟଙ୍କା ଆକାରରେ ଜମା କରିପାରିବେ ।
8. ନିର୍ଦ୍ଦିଷ୍ଟ ସମୟସୀମା ମଧରେ ପରିବେଶ ମଞ୍ଜୁରୀପତ୍ର ଦାଖଲ ନକଲେ ଅମାନତ ରାଶି ବାଜ୍ୟାପ୍ତ କରାଯିବ ।
9. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାୟିତ୍ବରେ ହାସଲ କରିବେ ।
10. ପୁନଶ୍ଚ ନିୟମାବଳି ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।
11. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖଭାଗରେ ଏକ **Display Board (** ଡିସପ୍ଲେ ବୋର୍ଡ ତିଆରି ସେଥିରେ ସୈରାତ ଉତ୍ସର ନାମ ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ଏ ସବୁର କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ଦହନ କରିବେ ।
12. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉଠେଇପାରିବେ ନାହିଁ
13. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ।
14. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରୀଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

12/06/2022

TAHASILDAR
LANJIGARH

15. ଲିଜର ସମସ୍ତ ସର୍ତ୍ତାବଳୀ ପୁରଣ କରୁଥିବା ତଥା ସର୍ବାଧିକ ଅତିରିକ୍ତ ଦେୟ( Additional Charge)ଘନ ମିଟର ପ୍ରତି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଙ୍କୁ ଲିଜ ଦିଆଯିବ ।

16. ସର୍ବୋଚ୍ଚ ଅତିରିକ୍ତ ଦେୟ ( Additional Charge)ଘନ ମିଟର ପ୍ରତି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ନେଲେ ତତ୍ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

17. ଯଦି ଦୁଇଜଣ ଆବେଦନକାରୀ ଙ୍କ ଅତିରିକ୍ତ ଦେୟ ମୂଲ୍ୟାଙ୍କ ସମାନ ହୁଏ ତେବେ ଧର୍ମଗୁଳା ସାହାଯ୍ୟରେ ଲିଜ ପଟ୍ଟାଦାର (leasee)ଚୟନ କରାଯିବ ।

18. ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ପଥର ଖାଦାନ ପାଇଁ ଘନମିଟର ପିଛା ନିର୍ଦ୍ଧାରିତ ରୟାଲଟି ସହ ଅତିରିକ୍ତ ଦେୟ (Additional Charge), ଡେଡ୍ ରେଣ୍ଟ (Dead Rent) (ହେକ୍ଟର ଅନୁଯାୟୀ ଧାର୍ଯ୍ୟ) ଭୂମିପୃଷ୍ଠ ଖଜଣା (Surface rent) (ହେକ୍ଟର ଅନୁଯାୟୀ ଧାର୍ଯ୍ୟ), ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଦେୟ@ 10%( ରୟାଲଟି ଓ ଅତିରିକ୍ତ ଦେୟ ର), ପରିବେଶ ଉନ୍ନୟନ ପାଣ୍ଠି @ 5%( ରୟାଲଟି ଓ ଅତିରିକ୍ତ ଦେୟ ର), ଆୟକର @ 2%( ରୟାଲଟି ଓ ଅତିରିକ୍ତ ଦେୟ ର) ପ୍ରତ୍ୟେକ ଆର୍ଥିକ ବର୍ଷ ଉତ୍ସ ପରିଚାଳନା ପୂର୍ବରୁ ଏକକାଳୀନ ପୈଠ କରିବାକୁ ହେବ ।

19. ଦରଖାସ୍ତରେ କେବଳ ଲଘୁ ଖଣିଜ ଦ୍ରବ୍ୟର ଘନମିଟର ପିଛା ଅତିରିକ୍ତ ଦେୟ (Additional Charge)ସ୍ପଷ୍ଟ ଭାବରେ ଉଲ୍ଲେଖ ଥିବା ଆବଶ୍ୟକ ।

20. ସଫଳ ଆଦେଶିକ ସମୟସୀମା ମଧ୍ୟରେ ଅନୁମୋଦିତ ମାଇନିଙ୍ଗପ୍ଲାନ ଓ ପରିବେଶ ବିକାଶ ଦାଖଲ ପରେ ଲିଜ ପଞ୍ଜିକରଣ (Confirm) କରାଯିବ ଏବଂ ଲିଜ ଏଗ୍ରିମେଣ୍ଟ ଆସିବା ସହ ରୟାଲଟି କିମ୍ବା ଡେଡ୍ ରେଣ୍ଟ (Dead Rent) ଯେଉଁଟା ଅଧିକ, ଭୂମିପୃଷ୍ଠ ଖଜଣା (Surface Rent) ଅତିରିକ୍ତ ଦେୟ (Addl. Charge) ଜିଲ୍ଲା ଲଘୁ ଖଣିଜ ପାଣ୍ଠି (DMF) ପରିବେଶ ପରିଚାଳନା ପାଣ୍ଠି (EMD) ସହିତ ଆୟକର (Income Tax) ପଇଠ କରିବାକୁ ପଡିବ ।

ଦ୍ରଷ୍ଟବ୍ୟ- ଦୀର୍ଘମିଆଦୀ ସୂତ୍ରେ (5 ବର୍ଷ) ଦେବାକୁ ଥିବା ଖଣିଜ ଉତ୍ସ ର ଏକତାଲିକା ଏଥିରେ ଦିଆଯାଇଛି ।

21. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନ ତ୍ରୟମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

22. ଟେଣ୍ଡର ପାଇଁ ବିଜ୍ଞାପନ ମାଇନିଙ୍ଗପ୍ଲାନ ଓ ପରିବେଶ ମଞ୍ଜୁରୀର ସମସ୍ତ ଖର୍ଚ୍ଚ ସଫଳ ନିଲାମଧାରୀ ମାନେ ବହନ କରିବେ ।

23. ସରକାରୀ ରୟାଲଟି ଅତିରିକ୍ତ ଦେୟ ବାବଦରେ ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କର ଏମ-ଫର୍ମ ଖାରଜ କରିଦିଆଯିବ ।

## ସାରଣୀ

ଲଘୁ ଖଣିଜ ଉତ୍ସ (ପଥର ଖାଦାନ) ର 5 ବର୍ଷିଆ ଲିଜ ନିମନ୍ତେ ବିବରଣୀ

| କ୍ର. ନଂ | ପଥର ଉତ୍ସର ନାମ | ମୌଜା | ଖାତା.ନଂ | ପ୍ଲ.ନଂ | କିସମ | ଲିଜ ରକବା( ଏକର ରେ) | ସର୍ବନିମ୍ନ ନିର୍ଦ୍ଧାରିତ ପରିମାଣ (MGQ) in cm | ରୟାଲିଟି ର ନିର୍ଦ୍ଧାରିତ ପରିମାଣ ପ୍ରତି ଘନ ମିଟର | ଅତିରିକ୍ତ ଦେୟ (Additional Charge in Rs) ପ୍ରତି ଘନ ମିଟର | ବ୍ୟାଙ୍କ ଗେରେଣ୍ଟି (in Rs) | ଅର୍ଜିତ ରାଶି (EMD)in Rs |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | ବାଇରିକୁପୁଲୀ ପଥର ଖାଦାନ | ବାଇରିକୁପୁଲୀ | 16(ଆ.ଅ.ଅ) | 25 | ଡୁଙ୍ଗୁରୀ | 4.10 | 2852 (ପ୍ରଥମ ବର୍ଷ) | 140/- | 15 | 443000 | 22500 |
| 2 | ତାଲିପଡା-2 ପଥର ଖାଦାନ | ତାଲିପଡା | 10(ଆ.ଅ.ଅ) | 246 | ଡଙ୍ଗର | 2.27 | 1653 (ପ୍ରଥମ ବର୍ଷ) | 140/- | 15 | 256300 | 13000 |

12/06/2020

TAHASILDAR
LANJIGARH
ତହସିଲଦାର, ଲାଞ୍ଜିଗଡ

ଜ୍ଞାପକ ସଂଖ୍ୟା 719 ତା. 12.06.2020

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ଲାଞ୍ଜିଗଡ ବିଜ୍ଞାପନ ଫଳକରେ ପ୍ରକାଶନ କରାଗଲା ।

ଏହାର ଏକକିତା ନକଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଲାଞ୍ଜିଗଡ, ବିଶ୍ବନାଥପୁର,ଓ ଲାଞ୍ଜିଗଡ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତ ସରପଞ୍ଚ, ଲାଞ୍ଜିଗଡ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ତଥା ବିଜ୍ଞାପନ ଫଳକରେ ପ୍ରକାଶନ କରି ବିସ୍ତୃତ ଭାବେ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା ।

Monmaye 12/06/2020

ତହସିଲଦାର, ଲାଞ୍ଜିଗଡ

TAHASILDAR
LANJIGARH

ଜ୍ଞାପକ ସଂଖ୍ୟା 720 ତା. 12.06.2020

ଏହାର ଏକକିତା ନକଲ ଜିଲ୍ଲାପାଳ , କଳାହାଣ୍ଡି ଏବଂ ଉପଜିଲ୍ଲାପାଳ, ଭବାନୀପାଟଣା ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

Monmaye 12/06/2020

ତହସିଲଦାର, ଲାଞ୍ଜିଗଡ

TAHASILDAR
LANJIGARH

ଜ୍ଞାପକ ସଂଖ୍ୟା 721 ତା. 12.06.2020

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, କଳାହାଣ୍ଡି (D.I.O,NIC)ଙ୍କ ଅବଗତି ତଥା ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ପ୍ରେରଣ କରାଗଲା ।

Monmaye 12/06/2020

ତହସିଲଦାର, ଲାଞ୍ଜିଗଡ

TAHASILDAR
LANJIGARH

FORM – M

Application for grant of Quarry Lease

[*See* rule 27(4)]

To

..............................................................................................................

Dated the 20

Sir,

1. I/We submit an application for a quarry lease for..............(mineral) for a term of .................... years over............hectares of land in the area specified in the *Annexure* given below:-
2. A sum of Rs.......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20........ has been paid in the Government Treasury at............and a receipted challan bearing No.......... dated.......is enclosed.
3. The required particulars are given below:-
   - i) An affidavit stating that no mining due payable under the Act and Rules made there under is outstanding against the applicant.
   - ii) Where land belongs to private persons, consent of all such persons for grant of quarry lease.
   - iii) Solvency certificate and list of immovable property from the Revenue Authority.
4. (i) Name and address of the applicant.......................................................
   - (ii) Nationality of the applicant...........................................................
   - (iii) Profession of the applicant............................................................
   - (iv) Particulars of the areas, mineral wise, within the State for which the applicant or any person having joint interest with him.............................................
     - a) Already holds a quarry lease.................................................
     - b) Has already applied for a quarry lease but not granted ..........................
     - c) Being applied for simultaneously..........................................
     - d) Nature of joint interest, if any..............................................
   - (v) Means by which the minor minerals is/are to be raised, i.e. whether manual or mechanical......................
   - (vi) Manner in which the minor mineral raised to be utilized-
     - (a) For manufacture........................
     - (b) For sale.......................................
     - (c) Any other purpose......................
   - (vii) Details of the plan boundary description and land schedule of the area applied for to be enclosed.

Scanned with CamScanner

(viii) Has the applicant any previous experience in quarrying/mining? If yes, details should be given.................

(ix) Financial Resources of the applicant.

(a)

(b)

(x) Total investment in the operations anticipated.....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted-

N.B: The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date.......... Signature of the applicant

N.B: If the application is signed by an authorised agent of the applicant, the power of attorney should be attached.

Scanned with CamScanner